# NATIONAL NEWS BULLETIN (ODIA)
## 18 March - 2025
## Morning Bulletin : 7.15 a.m.

*********************************

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ଇଣ୍ଟର୍ଣ୍ଣସିପ୍ ଯୋଜନାର ଉତ୍ସର୍ଗୀକୃତ ଆପ୍‌କୁ ଲୋକାର୍ପଣ କଲେ ଅର୍ଥମନ୍ତ୍ରୀ ।
- ସାମାଜିକ ଗଣମାଧ୍ୟମ ପ୍ଲାଟ୍‌ଫର୍ମ ଟ୍ରୁଥ୍ ସୋସିଆଲ୍‌ରେ ପ୍ରଧାନମନ୍ତ୍ରୀଙ୍କ ଯୋଗଦାନ ।
- ଆସନ୍ତା ଆର୍ଥିକ ବର୍ଷ ପାଇଁ ରେଳ ମନ୍ତ୍ରଣାଳୟର ଖର୍ଚ୍ଚଦାବି ଉପରେ ଲୋକସଭାରେ ଆଲୋଚନା ଜାରି ।
- ଦିଲ୍ଲୀର ନବନିର୍ବାଚିତ ବିଧାୟକଙ୍କ ପାଇଁ ନୂଆଦିଲ୍ଲୀ ଠାରେ ଆଜିଠାରୁ ଆରମ୍ଭ ହେଉଛି ଦୁଇ ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ।

ଏବଂ

- କବାଡ଼ି ବିଶ୍ୱକପ୍ ୨୦୨୫ ପ୍ରତିଯୋଗିତାରେ ଆଜି ପୁରୁଷ ବର୍ଗରେ ଭାରତ-ସ୍କଟ୍‌ଲାଣ୍ଡ ଏବଂ ମହିଳା ବର୍ଗରେ ଭାରତ-ୱେଲ୍ସ ମଧ୍ୟରେ ହେବ ମୁକାବିଲା ।

# ନିର୍ମଳା-ପିଏମ୍

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ପ୍ରଧାନମନ୍ତ୍ରୀ ଇଣ୍ଟର୍ଣ୍ଣସିପ୍ ଯୋଜନା - ପି.ଏମ୍.ଆଇ.ଏସ୍. ପାଇଁ ଏକ ଉତ୍ସର୍ଗୀକୃତ ଆପ୍ ଗତକାଲି ଉନ୍ମୋଚନ କରିଛନ୍ତି । ଏହି ଯୋଜନା ଅଧୀନରେ ପଞ୍ଜୀକରଣ ବ୍ୟବସ୍ଥାକୁ ଅଧିକ ସହଜ ଏବଂ ତ୍ୱରାନ୍ୱିତ କରିବା ଲକ୍ଷ୍ୟ ନେଇ ଏହି ଆପ୍ କାର୍ଯ୍ୟକାରୀ କରାଯାଇଛି ।

ଏହି ଅବସରରେ ଅର୍ଥମନ୍ତ୍ରୀ ଦକ୍ଷତା, ରୋଜଗାର ଏବଂ ସୁଯୋଗକୁ ପ୍ରୋତ୍ସାହନ ପ୍ରଦାନ କରିବା ଲକ୍ଷ୍ୟ ନେଇ ୫ଟି ଯୋଜନାର ପ୍ୟାକେଜ୍ ଆରମ୍ଭ କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟିକୁ ପ୍ରଶଂସା କରିଛନ୍ତି । ପି.ଏମ୍. ଇଣ୍ଟର୍ନସିପ୍ ଯୋଜନା, ଶ୍ରେଣୀଗୃହ ଶିକ୍ଷା ଏବଂ ଶିଳ୍ପ ଉଦ୍ୟୋଗ ସମ୍ଭାବନା କ୍ଷେତ୍ରରେ ରହିଥିବା ବ୍ୟବଧାନକୁ ଦୂର କରିବାରେ ସକ୍ଷମ ହୋଇପାରିବ । ଏହାଦ୍ୱାରା ନିଯୁକ୍ତିସୁଯୋଗ ବୃଦ୍ଧି ପାଇବ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି । ଏହି ଯୋଜନାରେ ସକ୍ରିୟ ଭାବେ ଅଂଶଗ୍ରହଣ କରିବାକୁ ସେ ଶିଳ୍ପୋଦ୍ୟୋଗୀଙ୍କୁ ଅନୁରୋଧ କରିବା ସହିତ ଦେଶରେ ଏକ ଦକ୍ଷ ଶ୍ରମଶକ୍ତିକୁ ପ୍ରୋତ୍ସାହନ ପ୍ରଦାନ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି ।

ଏହି କାର୍ଯ୍ୟକ୍ରମରେ ଯୋଗଦେଇ କର୍ପୋରେଟ୍ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ହର୍ଷ ମାଲହୋତ୍ରା କହିଛନ୍ତି, ପି.ଏମ୍.ଆଇ.ଏସ୍. ଆପ୍ର ଶୁଭାରମ୍ଭ ଯୁବବର୍ଗଙ୍କ ପାଇଁ ତାଲିମ୍ ସୁଯୋଗରେ ଉପଲବ୍ଧତାକୁ ବୃଦ୍ଧି କରିବ ।

ସୂଚନା ଯୋଗ୍ୟ ଗତବର୍ଷ ବଜେଟ୍‌ରେ ପ୍ରଧାନମନ୍ତ୍ରୀ ଇଣ୍ଟର୍ନସିପ୍ ଯୋଜନା ସମ୍ପର୍କରେ ଘୋଷଣା କରାଯାଇଥିଲା । ପାଞ୍ଚ ବର୍ଷ ମଧ୍ୟରେ ଶ୍ରେଷ୍ଠ ୫୦୦ କମ୍ପାନୀରେ ୧ କୋଟି ଯୁବକଙ୍କୁ ଇଣ୍ଟର୍ନସିପ୍ ସୁଯୋଗ ପ୍ରଦାନ କରିବା ଲକ୍ଷ୍ୟ ନେଇ ଏହି ଯୋଜନା ଆରମ୍ଭ କରାଯାଇଛି । ଗତବର୍ଷ ଅକ୍ଟୋବର ମାସରେ ଏହି ଯୋଜନାର ଶୁଭାରମ୍ଭ ହୋଇଛି । ଏହି ଯୋଜନାର ପାଇଲଟ ପ୍ରୋଜେକ୍ଟର ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୭୪୫ଟି ଜିଲ୍ଲାର ୨୪ଟି ବିଭିନ୍ନ କ୍ଷେତ୍ରର ୨୮୦ଟି କମ୍ପାନୀରେ ୧ ଲକ୍ଷ ୨୭ ହଜାରରୁ ଅଧିକ ଇଣ୍ଟର୍ନସିପ୍ ସୁଯୋଗ ସୃଷ୍ଟି ହୋଇପାରିଛି । ଗତ ଜାନୁଆରୀ ମାସରେ ପାଇଲଟ ପ୍ରୋଜେକ୍ଟର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହୋଇଛି । ଏହି ପର୍ଯ୍ୟାୟ ପାଇଁ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଆବେଦନର ସମୟସୀମା ଧାର୍ଯ୍ୟ କରାଯାଇଛି ।

## ପିଏମ୍-ସୋସିଆଲ୍ ପ୍ଲାଟ୍‌ଫର୍ମ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାମାଜିକ ଗଣମାଧ୍ୟମ ପ୍ଲାଟ୍‌ଫର୍ମ ‘ଟ୍ରୁଥ୍ ସୋସିଆଲ୍’ରେ ଯୋଗ ଦେଇଛନ୍ତି । ଆମେରିକା ରାଷ୍ଟ୍ରପତି

ଡୋନାଲ୍ଡ ଟ୍ରମ୍ପ୍ ଏହି ଗଣମାଧ୍ୟମକୁ ଅଧିକ ବ୍ୟବହାର କରିଥାନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏ ସମ୍ପର୍କରେ ସୂଚନା ଦେଇ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ତି, ଟ୍ରୁଥ୍ ସୋସିଆଲ୍ ପ୍ଲାଟ୍‌ଫର୍ମରେ ଅଂଶିଦାର ଥିବା ସମସ୍ତଙ୍କ ସହ ମତବିନିମୟ କରିବାକୁ ସେ ଆଗ୍ରହୀ । ତାଙ୍କ ପୋଡ୍‌କାଷ୍ଟ ସାକ୍ଷାତକାର ରାଷ୍ଟ୍ରପତି ଶ୍ରୀ ଟ୍ରମ୍ପ୍ ଟ୍ରୁଥ୍ ସୋସିଆଲ୍‌ରେ ସେୟାର୍ କରିଥିବାରୁ ଶ୍ରୀ ମୋଦୀ ରାଷ୍ଟ୍ରପତିଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

ସୂଚନା ଯୋଗ୍ୟ ରାଷ୍ଟ୍ରପତି ଶ୍ରୀ ଟ୍ରମ୍ପ୍ ତାଙ୍କ ଟ୍ରୁଥ୍ ସୋସିଆଲ୍ ପ୍ଲାଟ୍‌ଫର୍ମରେ ଲେକ୍ସ ଫ୍ରିଡମ୍ୟାନ୍‌ଙ୍କ ସହ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ପୋଡ୍‌କାଷ୍ଟ ସାକ୍ଷାତକାର ପୋଷ୍ଟ କରିଥିଲେ ।

## ଏଲ୍‌ଏସ୍-ରେଲୱେ

ଆସନ୍ତା ଆର୍ଥିକ ବର୍ଷ ପାଇଁ ରେଳ ମନ୍ତ୍ରଣାଳୟର ଖର୍ଚ୍ଚ ଦାବି ଗତକାଲି ଲୋକସଭାରେ ଆଗତ ହୋଇଛି । ଆଲୋଚନାରେ ଅଂଶଗ୍ରହଣ କରି କଂଗ୍ରେସର ବର୍ଷା ଗାଏକ୍‌ୱାଡ୍ ରେଳ କ୍ଷେତ୍ରରେ ସୁରକ୍ଷା ବ୍ୟବସ୍ଥା ନେଇ ସରକାରଙ୍କ ପକ୍ଷରୁ ବିଶେଷ ପଦକ୍ଷେପ ଗ୍ରହଣ କରାଯାଉ ନାହିଁ ବୋଲି ଅଭିଯୋଗ କରିଛନ୍ତି । ଏହି ଅବସରରେ ନିକଟରେ ନୂଆଦିଲ୍ଲୀ ରେଳ ଷ୍ଟେସନ୍‌ରେ ଘଟିଥିବା ଦଳାଚକଟା ପରିସ୍ଥିତିର ଉଦାହରଣ ଦେଇଥିଲେ । ବିଜେପିର ଜନାର୍ଦ୍ଦନ ସିଂହ ସିଗ୍ରିୱାଲ୍ ଆଲୋଚନାରେ

ଅଂଶଗ୍ରହଣ କରି କହିଛନ୍ତି, ରେଳ ଭିତ୍ତିଭୂମି ବିକାଶ ଏବଂ ଆଧୁନିକୀକରଣ ପାଇଁ ବଜେଟ୍‌ରେ ୨ ଲକ୍ଷ ୬୫ ହଜାର କୋଟି ଟଙ୍କାର ଅନୁଦାନ ପ୍ରଦାନ କରାଯାଇଛି ।

ଦେଶରେ ୧୦୦ଟି ନୂତନ ଅମ୍ରିତ ଭାରତ ଟ୍ରେନ୍, ୫୦ଟି ନମୋ ଭାରତ ଟ୍ରେନ୍ ଏବଂ ୨୦୦ଟି ବନ୍ଦେ ଭାରତ ଟ୍ରେନ୍ ଚଳାଚଳ ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି ବୋଲି ସେ କହିଛନ୍ତି । ରେଳବାଇ କ୍ଷେତ୍ରରେ ବିକାଶ ପାଇଁ ସରକାର ନେଇଥିବା ବିଭିନ୍ନ ପଦକ୍ଷେପ ଗୁଡ଼ିକ ଉପରେ ସେ ଏହି ଅବସରରେ ଆଲୋକପାତ କରିଥିଲେ । ଟି.ଡି.ପି.ର ମଙ୍ଗୁଟା ଶ୍ରୀନିବାସୁଲୁ ରେଡ୍ଡୀ ସାଧାରଣ ବଜେଟ୍‌ରେ ରେଳବାଇ କ୍ଷେତ୍ର ପାଇଁ ରହିଥିବା ବ୍ୟବସ୍ଥାର ଉଚ୍ଚ ପ୍ରଶଂସା କରିଥିଲେ ।

ବିଭିନ୍ନ ଦଳର ସଦସ୍ୟ ଏହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଖର୍ଚ୍ଚ ଦାବି ସଂକ୍ରାନ୍ତ ଆଲୋଚନା ଗୃହରେ ଅମିମାଂଶିତ ରହିଛି ।

# ମହା-ନାଗପୁର କନ୍‌ଫ୍ଲିକ୍ଟ୍

ମହାରାଷ୍ଟ୍ରର କେନ୍ଦ୍ରୀୟ ନାଗପୁର ମହଲ ଅଞ୍ଚଳରେ ଗତ ସନ୍ଧ୍ୟାରେ ସଂଘଠିତ ହିଂସାକାଣ୍ଡ ଘଟଣାରେ ଜଡ଼ିତ ବ୍ୟକ୍ତିଙ୍କୁ ଗିରଫ୍ କରିବା ପାଇଁ ପୁଲିସ୍ ପକ୍ଷରୁ ତଲାସି ଅଭିଯାନକୁ ଜୋର୍‌ଦାର କରାଯାଇଛି । ଧାର୍ମିକ ଚିହ୍ନ ଭଙ୍ଗାରୁଜା ଗୁଜବକୁ ନେଇ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ସଂଘର୍ଷ ହୋଇଥିବା

ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି । ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ପୁଲିସ୍ ପକ୍ଷରୁ ଲୁହବୁହା ଗ୍ୟାସ୍ ଏବଂ ଲାଠି ଚାର୍ଜ କରାଯାଇଥିଲା । ଗୁଜବରେ ବିଶ୍ୱାସ ନ କରି ଶାନ୍ତିଶୃଙ୍ଖଳା ବଜାୟ ରଖିବାକୁ କେନ୍ଦ୍ର ମନ୍ତ୍ରୀ ନୀତିନ ଗଡ଼କରି ଏବଂ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ଣାବିସ୍ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି । ନାଗପୁର ପୁଲିସ୍ କମିଶନର ଡକ୍ଟର ରବିନ୍ଦ୍ର ସିଂଘଲ୍ କହିଛନ୍ତି, ସେହି ଅଞ୍ଚଳରେ ଆଇନ୍ ଶୃଙ୍ଖଳା ପରିସ୍ଥିତିକୁ ଫେରାଇ ଆଣିବା ଲକ୍ଷ୍ୟରେ ୧୪୪ ଧାରା ଜାରି କରାଯାଇଛି । ଅତିରିକ୍ତ ପୁଲିସ୍ କର୍ମଚାରୀଙ୍କୁ ସେଠାରେ ମୁତୟନ କରାଯାଇଛି ।

## ଦିଲ୍ଲୀ-ଏମ୍ଏଲ୍ଏ

ଦିଲ୍ଲୀର ନବନିର୍ବାଚିତ ବିଧାୟକଙ୍କ ପାଇଁ ଏକ ଦୁଇ ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ନୂଆଦିଲ୍ଲୀ ଠାରେ ଆଜିଠାରୁ ଆରମ୍ଭ ହେଉଛି । ଲୋକସଭା ବାଚସ୍ପତି ଓମ୍ ବିର୍ଲା ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିବେ । ବିଧାନସଭାରେ କାର୍ଯ୍ୟଶୈଳୀ, ବିଧାୟକଙ୍କ ଦାୟିତ୍ୱ, ଆଚାର ସଂହିତା, ପ୍ରଶାସନିକ କାର୍ଯ୍ୟକଳାପ ନେଇ ଏହି ଦୁଇ ଦିନିଆ କାର୍ଯ୍ୟକ୍ରମରେ ବିଧାୟକଙ୍କ ସହ ମତବିନିମୟ କରାଯିବ । ଉଦ୍‌ଘାଟନି ସମାରୋହରେ ଅନ୍ୟମାନଙ୍କ ମଧ୍ୟରେ ଦିଲ୍ଲୀ ବିଧାନସଭା ବାଚସ୍ପତି ବିଜେନ୍ଦ୍ର ଗୁପ୍ତା, ଉପବାଚସ୍ପତି ମୋହନ ସିଂହ ବିଷ୍ଟ, ମୁଖ୍ୟମନ୍ତ୍ରୀ ରେଖାଗୁପ୍ତା ଏବଂ

ବିରୋଧୀ ଦଳ ନେତା ଆତିଶି ପ୍ରମୁଖ ଯୋଗଦେବେ । ଏ ସମ୍ପର୍କରେ ସୂଚନା ଦେଇ ଦିଲ୍ଲୀ ବିଧାନସଭା ବାଚସ୍ପତି ବିଜେନ୍ଦ୍ର କୁମାର କହିଛନ୍ତି, ଏଭଳି କାର୍ଯ୍ୟକ୍ରମ ନିର୍ବାଚିତ ପ୍ରତିନିଧିଙ୍କ ମନୋବଳକୁ ବୃଦ୍ଧି କରିବା ସହ ବିଧାନସଭାର କାର୍ଯ୍ୟଶୈଳୀକୁ ଅଧିକ ଉନ୍ନତ କରିପାରିବ । ବିଭିନ୍ନ ପ୍ରସଙ୍ଗ ଉପରେ ଗୃହରେ ଆଲୋଚନାରେ ସଦସ୍ୟମାନେ ସେମାନଙ୍କର ସୁଚିନ୍ତିତ ମତାମତ ଉପସ୍ଥାପନ କରିପାରିବେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରର ପ୍ରତିଷ୍ଠିତ ବିଶେଷଜ୍ଞଙ୍କ ସହ ଆଲୋଚନା ବୈଠକ ଅନୁଷ୍ଠିତ ହେବ ।

## ଭାରତ-ଆୟର୍ଲାଣ୍ଡ

ଭାରତ-ଆୟର୍ଲାଣ୍ଡ ମଧ୍ୟରେ ଗବେଷଣା ସହଯୋଗକୁ ପ୍ରୋତ୍ସାହନ ପ୍ରଦାନ କରିବା ଏବଂ ଭାରତୀୟ ବିଶ୍ୱବିଦ୍ୟାଳୟ ଓ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ଅଧ୍ୟୟନ ପରବର୍ତ୍ତି ମାର୍ଗକୁ ଅଧିକ ବ୍ୟାପକ କରିବା ନେଇ ଆୟର୍ଲାଣ୍ଡ ଇଚ୍ଛା ପ୍ରକାଶ କରିଛି । ଆୟର୍ଲାଣ୍ଡର ଉଚ୍ଚଶିକ୍ଷା, ଗବେଷଣା, ଉଦ୍ଭାବନ ଓ ବିଜ୍ଞାନ ମନ୍ତ୍ରୀ ଜେମ୍ସ ଲଲେସ୍ କହିଛନ୍ତି, ଆୟର୍ଲାଣ୍ଡରେ ଏକ ଦୃଢ଼ ଶୈକ୍ଷିକ ଏବଂ ଦକ୍ଷତା ଇକୋ ସିଷ୍ଟମ ଗଠନର ବିପୁଳ ସମ୍ଭାବନା ରହିଛି ।

ଏହି କ୍ଷେତ୍ର ଉଭୟ ଦେଶ ପାଇଁ ଲାଭଦାୟକ ବୋଲି ସେ କହିଛନ୍ତି । ଦ୍ୱିପାକ୍ଷିକ ସହଯୋଗକୁ ସୁଦୃଢ଼ କରିବା ଲକ୍ଷ୍ୟ ନେଇ ମନ୍ତ୍ରୀ ଶ୍ରୀ ଲଲେସ୍ଙ୍କ ସହ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ମଣ୍ଡଳୀ ଭାରତ ଗସ୍ତରେ ଆସିଛନ୍ତି । ନୂଆଦିଲ୍ଲୀ, ମୁମ୍ବାଇ ଏବଂ ଚେନ୍ନାଇକୁ ଗସ୍ତ କରି ଏହି ମଣ୍ଡଳୀ ଭାରତୀୟ

ବିଶ୍ୱବିଦ୍ୟାଳୟ ଏବଂ ଶିକ୍ଷାନୁଷ୍ଠାନ ଗୁଡ଼ିକର କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରୁଛନ୍ତି । ଉଦ୍ଭାବନ, ଗବେଷଣା, ବିକାଶ, ଆଧୁନିକ ପ୍ରଯୁକ୍ତିବିଦ୍ୟା ବିଶେଷ କରି ଫିନ୍‌ଟେକ୍ କୃତ୍ରିମ ବୁଦ୍ଧିମତ୍ତା ଏବଂ ଜୀବବିଜ୍ଞାନ କ୍ଷେତ୍ରରେ ଭାରତୀୟ କମ୍ପାନୀ ଗୁଡ଼ିକ ସହ ଆୟର୍ଲାଣ୍ଡର ବୃଦ୍ଧି ପାଉଥିବା ଭାଗିଦାରୀ ଉପରେ ଶ୍ରୀ ଲଲେସ୍ ଆଲୋକପାତ କରିଛନ୍ତି । ଆୟର୍ଲାଣ୍ଡରେ ୯ ହଜାରରୁ ଅଧିକ ଭାରତୀୟ ଛାତ୍ରଛାତ୍ରୀ ଶିକ୍ଷାଗ୍ରହଣ କରଛନ୍ତି ବୋଲି ସେ କହିଛନ୍ତି । ଭାରତ ସହ ଶିକ୍ଷା କ୍ଷେତ୍ରରେ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ପାଇଁ ଆୟର୍ଲାଣ୍ଡର ପ୍ରତିବଦ୍ଧତାକୁ ସେ ଦୋହରାଇଛନ୍ତି ।

## ଗବାର୍ଡ୍-ବାଂଲାଦେଶ

ଆମେରିକା ଗୁଇନ୍ଦା ମୁଖ୍ୟ ତୁଳସୀ ଗବାର୍ଡ୍ କହିଛନ୍ତି, ବାଂଲାଦେଶରେ ହିନ୍ଦୁଙ୍କ ସମେତ ସଂଖ୍ୟାଲଘୁଙ୍କ ଉପରେ ହେଉଥିବା ଅତ୍ୟାଚାର ନେଇ ଆମେରିକା ଚିନ୍ତାପ୍ରକଟ କରିଛି । ଏକ ଘରୋଇ ଗଣମାଧ୍ୟମକୁ ସାକ୍ଷାତକାର ଦେଇ ସେ କହିଛନ୍ତି, ଉଗ୍ରବାଦ କାର୍ଯ୍ୟକଳାପ ଏବଂ ଇସ୍‌ଲାମିକ୍ ଆତଙ୍କବାଦୀ କାର୍ଯ୍ୟକଳାପର ମୁକାବିଲା ପାଇଁ ଟ୍ରମ୍ପ୍ ପ୍ରଶାସନ ସଂକଳ୍ପବଦ୍ଧ । ବିଶ୍ୱସ୍ତରରେ ଇସଲାମିକ ଆତଙ୍କବାଦକୁ ପ୍ରୋତ୍ସାହନ ଦେଉଥିବା ବିଚାରାଧାରାକୁ ପ୍ରତିହତ କରିବା ପାଇଁ ଟ୍ରମ୍ପ୍ ପ୍ରଶାସନ ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ସେ ସୂଚନା ଦେଇଛନ୍ତି ।

ଶ୍ରୀମତି ଗବାର୍ଡ୍ କହିଛନ୍ତି, ବାଂଲାଦେଶର ମହମ୍ମଦ ୟୁନୁସ୍ଙ୍କ ନେତୃତ୍ୱାଧୀନ ମଧ୍ୟବର୍ତ୍ତୀକାଳୀନ ସରକାର ସହ ଟ୍ରମ୍ପ୍ ପ୍ରଶାସନ ଆଲୋଚନା ଆରମ୍ଭ କରିଛି ।

## କବାଡି ବିଶ୍ୱକପ୍

କବାଡ଼ି ବିଶ୍ୱକପ୍ ୨୦୨୫ ପ୍ରତିଯୋଗିତାରେ ଭାରତୀୟ ପୁରୁଷ ଏବଂ ମହିଳା ଦଳ ଆଜି ସେମାନଙ୍କର ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍ ଖେଳିବେ । ଇଂଲଣ୍ଡର ଓ୍ୱଲ୍ଭର୍ ହାମ୍ପ୍ଟନ୍ ଠାରେ ଭାରତୀୟ ସମୟ ଅପରାହ୍ଣ ସାଢ଼େ ୫ଟାରେ ମହିଳା ଦଳ ଓ୍ୱେଲ୍ସ ବିରୁଦ୍ଧରେ ମ୍ୟାଚ୍ ଖେଳିବ । ଅନ୍ୟ ପକ୍ଷରେ ପୁରୁଷ ଦଳ ରାତି ସାଢ଼େ ୧୦ଟାରେ ସ୍କଟ୍ଲାଣ୍ଡକୁ ଭେଟିବ । କବାଡ଼ି ବିଶ୍ୱକପ୍ର ଚଳିତ ସଂସ୍କରଣ ଗତକାଲି ଠାରୁ ଇଂଲଣ୍ଡରେ ଆରମ୍ଭ ହୋଇଛି । ଗତକାଲିର ମ୍ୟାଚ୍ରେ ଭାରତ’ ଇଟାଲୀକୁ ୬୪-୨୨ ପଏଣ୍ଟରେ ପରାସ୍ତ କରିଥିବା ବେଳେ ଇଂଲଣ୍ଡ’ ହଙ୍ଗେରୀ ବିରୁଦ୍ଧରେ ୧୦୧-୨୫ ପଏଣ୍ଟରେ ବିଜୟୀ ହୋଇଥିଲା ।

୭ଦିନ ଧରି ଚାଲିବାକୁ ଥିବା ଏହି ପ୍ରତିଯୋଗିତାର ପୁରୁଷ ବର୍ଗରେ ଅଂଶଗ୍ରହଣ କରିଥିବା ୧୦ଟି ଦଳକୁ ଦୁଇଟି ଗ୍ରୁପ୍ରେ ବିଭକ୍ତ କରାଯାଇଛି। ଗ୍ରୁପ୍-ବି’ରେ ଭାରତ ସହ ଇଟାଲୀ, ସ୍କଟଲାଣ୍ଡ, ଓ୍ୱେଲ୍ସ ଏବଂ ହଂକଂ ସ୍ଥାନିତ ହୋଇଛନ୍ତି। ଗ୍ରୁପ୍-ଏରେ ଇଂଲଣ୍ଡ, ହଙ୍ଗେରୀ, ପୋଲାଣ୍ଡ, ଜର୍ମାନୀ ଏବଂ ୟୁ.ଏସ୍.ଏ. ରହିଛନ୍ତି । ସେହିଭଳି ମହିଳା ବର୍ଗରେ ୬ଟି ଦଳ ଅଂଶଗ୍ରହଣ

କରୁଛନ୍ତି। ଗ୍ରୁପ୍-ଡିରେ ଭାରତ, ୱେଲ୍ସ ଏବଂ ପୋଲାଣ୍ଡ ରହିଥିବା ବେଳେ ଗ୍ରୁପ୍-ଇରେ ହଂକଂ, ଇଂଲଣ୍ଡ ଏବଂ ହଙ୍ଗେରୀ ସ୍ଥାନିତ ହୋଇଛନ୍ତି । ବିଶ୍ୱ କବାଡ଼ି ପ୍ରତିଯୋଗିତାର ଏହା ହେଉଛି ଦ୍ୱିତୀୟ ସଂସ୍କରଣ। ୨୦୧୯ରେ ମାଲେସିଆରେ ଆୟୋଜିତ ପ୍ରଥମ ସଂସ୍କରଣରେ ଭାରତ ଉଭୟ ପୁରୁଷ ଏବଂ ମହିଳା ବର୍ଗରେ ଟାଇଟଲ ହାସଲ କରିଥିଲା।